# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**30 June - 2024**

**News Editor : *Itishree Singh Rathaur***

**********************************

## ମୁଖ୍ୟ ସମ୍ବାଦ

- ଆକାଶବାଣୀର ମନ୍ କୀ ବାତ୍ କାର୍ଯ୍ୟକ୍ରମରେ 'ଏକ୍ ପେଡ୍ ମା' କେ ନାମ୍' ଅଭିଯାନରେ ସାମିଲ ହେବାକୁ ଆହ୍ୱାନ ଦେଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ
- ଦେଶରେ ଆସନ୍ତାକାଲିଠାରୁ ଲାଗୁ ହେବ ୩ଟି ନୂଆ ଅପରାଧିକ ଆଇନ୍
- ମୁଖ୍ୟମନ୍ତ୍ରୀ ଆସନ୍ତାକାଲି ପୂର୍ବାହ୍ଣରେ ଜନ ଅଭିଯୋଗର କରିବେ ଶୁଣାଣି
- ରାଜ୍ୟର ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱ ଗ୍ରହଣ କଲେ ମନୋଜ ଆହୁଜା

ଏବଂ

- ଲଘୁଚାପର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା; ଆସନ୍ତାକାଲି ପାଇଁ ୧୩ଟି ଜିଲ୍ଲାକୁ ସତର୍କ ସୂଚନା

# ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଗତ ୧୦ ବର୍ଷ ମଧ୍ୟରେ ସମଗ୍ର ଦେଶରେ ଜଙ୍ଗଲା ପରିସୀମା ବହୁ ପରିମାଣରେ ବୃଦ୍ଧି ପାଇଛି। ସେହିଭଳି ଅମୃତ ମହୋତ୍ସବ ପାଳନ ଅବସରରେ ଦେଶରେ ୬୦ ହଜାର ଅମୃତ ସରୋବର ସୃଷ୍ଟି କରାଯାଇଥିଲା। ଆକାଶବାଣୀର 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ଆଜି ଦେଶବାସୀଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ପରିବେଶ ସୁରକ୍ଷା କ୍ଷେତ୍ରରେ ଏହା ଏକ ବଡ଼ ସଫଳତା। ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ଆରମ୍ଭ କରାଯାଇଥିବା 'ଏକ ପେଡ୍ ମା' କେ ନାମ୍' ଅଭିଯାନରେ ସମସ୍ତେ ସାମିଲ ହେବାକୁ ସେ ଆହ୍ୱାନ ଦେଇଛନ୍ତି। ଏଥିରେ ବହୁ ଲୋକ ସାମିଲ ହେବା ସହିତ ସେ ସଂକ୍ରାନ୍ତ ଫଟୋ ତାଙ୍କ ପାଖକୁ ପଠାଇଛନ୍ତି ବୋଲି ସେ କହିଛନ୍ତି। ଧରିତ୍ରୀ ମାଆକୁ ରକ୍ଷା କରିବା ଦିଗରେ ଏହା ଏକ ବଡ଼ ଅଭିଯାନ ବୋଲି ସେ ଅଭିହିତ କରିଛନ୍ତି।

ସେ କହିଛନ୍ତି, ଗତ ସାଧାରଣ ନିର୍ବାଚନରେ ଦେଶର ୬୫ କୋଟି ଭୋଟର ସାମିଲ ହେବା ଏକ ଗଣତାନ୍ତ୍ରିକ ରାଷ୍ଟ୍ର ପାଇଁ ଉଲ୍ଲେଖନୀୟ। ଦେଶବାସୀ ସମ୍ବିଧାନ ଏବଂ ଗଣତାନ୍ତ୍ରିକ ବ୍ୟବସ୍ଥା ଉପରେ ଅତୁଟ ବିଶ୍ୱାସ ଓ ଭରସା ରଖିଥିବାରୁ ସେ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ସମ୍ପୂର୍ଣ୍ଣ ନିର୍ବାଚନ ପ୍ରକ୍ରିୟାକୁ ସୁରୁଖୁରୁରେ ସମ୍ପାଦନ କରିଥିବାରୁ ନିର୍ବାଚନ ଆୟୋଗ ଏବଂ ଏଥିସହ ସଂଶ୍ଲିଷ୍ଟ ସମସ୍ତଙ୍କର ଉଚ୍ଚପ୍ରଶଂସା କରିଛନ୍ତି।

ପ୍ରଧାନମନ୍ତ୍ରୀ ଆଜିର ହୁଲ୍ ଦିବସ ସମ୍ପର୍କରେ ଉଲ୍ଲେଖକରି କହିଛନ୍ତି, ଏହା ବ୍ରିଟିଶ ଅତ୍ୟାଚାରକୁ ବିରୋଧ କରୁଥିବା ସାନ୍ତାଳ ବୀର ସିଦ୍ଧୁ ଏବଂ କାହ୍ନୁଙ୍କ ସାହସକୁ ସ୍ମରଣ କରେଇ ଦିଏ।

ଝାଡ଼ଖଣ୍ଡର ସାନ୍ତାଳ ପ୍ରଗଣାରେ ୧୮୫୫ ମସିହାରେ  ବ୍ରିଟିଶ ଶାସନ ବିରୋଧରେ ଲଢ଼େଇ କରି ବୀର ସିଦ୍ଧୁ ଏବଂ କାହ୍ନୁ ପ୍ରାଣବଳି ଦେଇଥିଲେ। ତାଙ୍କର ଏହି ତ୍ୟାଗ ଆଜି ମଧ୍ୟ ଲୋକଙ୍କୁ ପ୍ରେରଣା ଯୋଗାଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଯୋଗ ସମ୍ପର୍କରେ ଉଲ୍ଲେଖ କରି ଶ୍ରୀ ମୋଦୀ କହିଛନ୍ତି ସମଗ୍ର ବିଶ୍ୱରେ ଦଶମ ଯୋଗଦିବସକୁ ଅତ୍ୟନ୍ତ ଉତ୍ସାହର ସହ ପାଳନ କରାଯାଇଛି । ପ୍ରତିବର୍ଷ ଅଧିକରୁ ଅଧିକ ରାଷ୍ଟ୍ର ଏହି ଦିବସକୁ ପାଳନ କରି ଏ କ୍ଷେତ୍ରରେ ନୂତନ ରେକର୍ଡ ସୃଷ୍ଟି କରି ଚାଲିଛନ୍ତି।

ଆକାଶବାଣୀର ସଂସ୍କୃତ ସମ୍ବାଦ ପ୍ରସାରଣକୁ ଆଜି ୫୦ବର୍ଷ ପୂରିଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ ଆକାଶବାଣୀ ପରିବାରକୁ ଶୁଭେଚ୍ଛା ଜଣାଇଛନ୍ତି । ସଂସ୍କୃତ ଭାଷକୁ ସମ୍ମାନ ଦେବା ସହ ଦୈନ୍ୟନ୍ଦିନ ଜୀବନରେ ଏହାର ବହୁଳ ବ୍ୟବହାର ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି।

ପୁରୀରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କର ରଥଯାତ୍ରା ଆସନ୍ତା ରବିବାର ଦିନ ଅନୁଷ୍ଠିତ ହେବାକୁ ଯାଉଛି। ଦେଶବାସୀଙ୍କ ପାଇଁ ପ୍ରଧାନମନ୍ତ୍ରୀ ପ୍ରଭୁ ଜଗନ୍ନାଥଙ୍କର ଆଶୀର୍ବାଦ ଭିକ୍ଷା କରିଛନ୍ତି।

ଆସନ୍ତା ମାସରେ ପ୍ୟାରିସ୍ ଅଲମ୍ପିକ୍ସ ପାଇଁ ଭାରତୀୟ ଖେଳାଳିଙ୍କୁ ପ୍ରଧାନମନ୍ତ୍ରୀ ଶୁଭକାମନା ଜଣାଇଛନ୍ତି ।

ଅମରନାଥ ଯାତ୍ରା ଏବଂ ପଣ୍ଡରପୁରଓ୍ୱାରୀ ଯାତ୍ରା ସମ୍ପର୍କରେ ଉଲ୍ଲେଖ କରି ଏଥିରେ ଅଂଶଗ୍ରହଣ କରୁଥିବା ଶ୍ରଦ୍ଧାଳୁଙ୍କୁ ପ୍ରଧାନମନ୍ତ୍ରୀ ଶୁଭକାମନା ଜଣାଇଛନ୍ତି । ଭାରତର ସମୃଦ୍ଧ ସଂସ୍କୃତି, ଐତିହ୍ୟ ଏବଂ ବିକଶିତ ଭାରତ ପ୍ରୟାସ ଲାଗି 'ମନ୍ କୀ ବାତ୍' ଆଲୋଚନା ଜାରି ରହିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ମନ୍ କୀ ବାତ୍‌ର ଆଜି ଥିଲା ୧୧୧ତମ ସଂସ୍କରଣ। ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ନେବା ପରେ ଶ୍ରୀ ମୋଦୀଙ୍କର ଏହା ହେଉଛି, ପ୍ରଥମ 'ମନ୍ କୀ ବାତ୍' କାର୍ଯ୍ୟକ୍ରମ।

## ୩ ନୂଆ ଆଇନ୍ ବ୍ୟବସ୍ଥା

ସମଗ୍ର ଦେଶରେ ଆସନ୍ତାକାଲିଠାରୁ ୩ଟି ନୂତନ ଅପରାଧିକ ଆଇନ୍ ସମଗ୍ର ଦେଶରେ କାର୍ଯ୍ୟକାରୀ ହେବାକୁ ଯାଉଛି। ସେଗୁଡ଼ିକ ହେଉଛି, ଭାରତୀୟ ନ୍ୟାୟ ସଂହିତା-୨୦୨୩, ଭାରତୀୟ ନାଗରିକ ସୁରକ୍ଷା ସଂହିତା-୨୦୨୩ ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ-୨୦୨୩। ଏହି ଆଇନ୍‌ଗୁଡ଼ିକ ୧୮୬୦ ମସିହାର ବ୍ରିଟିଶ୍ ଆଇନ୍ ଭାରତୀୟ ପିଙ୍ଗଳକୋର୍ଡ-ଆଇପିସି, ଭାରତୀୟ ଫୌଜଦାରୀ ଆଇନ୍-୧୯୭୩ ଏବଂ ୧୮୭୨ ମସିହାର ଇଣ୍ଡିଆନ୍ ଏଭିଡେନ୍ସ ଆକ୍ଟ ସ୍ଥାନରେ କାର୍ଯ୍ୟକାରୀ ହେବ। ଏହି ଆଇନ୍ ସମ୍ପର୍କରେ ସଚେତନତା ବୃଦ୍ଧି ଲକ୍ଷ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ଆଲୋଚନାଚକ୍ର, ସଭାସମିତିମାନ ଅନୁଷ୍ଠିତ ହୋଇଛି। ଏହି ଆଇନ୍‌ରେ ସାମ୍ପ୍ରତିକ ସାମାଜିକ

ପରିସ୍ଥିତି ଏବଂ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ଆବଶ୍ୟକ ନିୟମ ରଖାଯାଇଛି। ତଦନ୍ତକୁ ଅଧିକ ସହଜ ଏବଂ ନ୍ୟାୟ ପ୍ରଦାନକୁ ତ୍ୱରିତ କରିବା ଲକ୍ଷ୍ୟରେ ଏହି ଆଇନ୍‌ରେ ବ୍ୟବସ୍ଥା ରହିଛି। ନୂଆ ଆଇନ୍‌ର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ଭାରତୀୟ ନାଗରିକଙ୍କୁ ସମ୍ବିଧାନ ଅନୁସାରେ ଅଧିକାର, ନ୍ୟାୟ ଏବଂ ସୁରକ୍ଷା ଦେବା।

ଏହି ଉପଲକ୍ଷେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ସଚେତନତା କର୍ମଶାଳାମାନ ଆୟୋଜିତ ହେବାର ଖବର ଆମର ହସ୍ତଗତ ହୋଇଛି।

**ବୌଦ୍ଧ** ଜିଲ୍ଲା ନ୍ୟାୟାଳୟ ପରିସରରେ ଆଇନ୍‌ଜୀବୀ ସଂଘ ପକ୍ଷରୁ ଆୟୋଜିତ କର୍ମଶାଳାରେ ଏହି ନୂତନ ଆଇନ୍‌ଗୁଡ଼ିକର ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଛି।

ବ୍ରହ୍ମପୁରର **ଗଞ୍ଜାମ** ଓକିଲ ସଂଘ କାର୍ଯ୍ୟାଳୟଠାରେ ଆୟୋଜିତ କର୍ମଶାଳାରେ ଅତିରିକ୍ତ ଜିଲ୍ଲା ଜଜ୍ ଡକ୍ଟର ଇନ୍ଦୁ ଶର୍ମା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଡକ୍ଟର ଅରୁଣ କୁମାର ସାହୁ ପ୍ରମୁଖ ଯୋଗଦେଇ ଏହି ଆଇନ୍ ସମ୍ପର୍କରେ ଆଲୋଚନା କରିଥିଲେ।

ଗତବର୍ଷ ସଂସଦର ଶୀତକାଳୀନ ଅଧିବେଶନରେ ଏହି ଆଇନ୍ ସମ୍ବନ୍ଧୀୟ ୩ଟି ବିଲ୍ ଗୃହୀତ ହୋଇଥିଲା।

## ମୁଖ୍ୟମନ୍ତ୍ରୀ-ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତାକାଲି ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ। ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ

ମିଳିଥିବା ସୂଚନା ଅନୁସାରେ, ଆସନ୍ତାକାଲି ପୂର୍ବାହ୍ଣ ୧୧ଟାରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଏହି ଶୁଣାଣି ଅନୁଷ୍ଠିତ ହେବ। ଏଥିପାଇଁ ପୂର୍ବାହ୍ଣ ୯ଟାରୁ ମଧ୍ୟାହ୍ଣ ୧୨ଟା ପର୍ଯ୍ୟନ୍ତ ସେହି ସ୍ଥାନରେ ପଞ୍ଜୀକରଣ ହେବ।

## ବିଜେପି-ସମ୍ବର୍ଦ୍ଧନା ଉତ୍ସବ

ଆଗାମୀ ୫ ବର୍ଷ ମଧ୍ୟରେ ଓଡ଼ିଶାକୁ ଏକ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତ ପ୍ରକାର ପ୍ରୟାସ ଜାରି ରହିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭାରତୀୟ ଜନତା ପାର୍ଟି ପକ୍ଷରୁ ଭୁବନେଶ୍ୱରଠାରେ ଆଜି ବିଜୟ ସମ୍ବର୍ଦ୍ଧନା ଉତ୍ସବରେ ଯୋଗଦେଇ ଶ୍ରୀ ମାଝୀ ନିର୍ବାଚନୀ ପ୍ରତିଶ୍ରୁତିକୁ ନିଶ୍ଚିତ ରୂପେ କାର୍ଯ୍ୟକାରୀ କରାଯିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଭୁବନେଶ୍ୱର ପ୍ରଦର୍ଶନୀ ପଡିଆଠାରେ ଆୟୋଜିତ ଏହି ସମ୍ବର୍ଦ୍ଧନା ଉତ୍ସବରେ ବିଜେପିର ବିଶିଷ୍ଟ ନେତୃବୃନ୍ଦ ଏବଂ ରାଜ୍ୟସ୍ତରୀୟ ଦଳୀୟ କର୍ମକର୍ତ୍ତା ଯୋଗଦେଇ ରାଜ୍ୟବାସୀଙ୍କୁ କୃତଜ୍ଞତା ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଦଳର ସମସ୍ତ ସାଂସଦ ଓ ବିଧାୟକମାନେ ଉପସ୍ଥିତ ଥିଲେ।

କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ କହିଛନ୍ତି, ଓଡ଼ିଶା ଆସନ୍ତା ୫ ବର୍ଷ ମଧ୍ୟରେ ରେଳବାଇ କ୍ଷେତ୍ରରେ ୧ ଲକ୍ଷ କୋଟି ଟଙ୍କାର ନୂଆ ପ୍ରକଳ୍ପ ପାଇବ। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଏହି ସଭାରେ  ତାଙ୍କ ଦଳକୁ ବିପୁଳ ସଂଖ୍ୟାରେ ଭୋଟ୍ ଦେଇଥିବାରୁ ରାଜ୍ୟର ସାଢ଼େ ୪ କୋଟି ଲୋକଙ୍କୁ କୃତଜ୍ଞତା ଜଣାଇଛନ୍ତି ।

ରାଜ୍ୟ ସଭାପତି ମନମୋହନ ସାମଲ, ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ସାରଦା ପ୍ରସାଦ ଶତପଥି ପ୍ରମୁଖ ଯୋଗଦେଇ ଓଡ଼ିଶାବାସୀଙ୍କ ଆଶା ଏବଂ ଆକାଂକ୍ଷା ପୂରଣ କରିବା ଲାଗି ସରକାରଙ୍କ ପ୍ରତିଶ୍ରୁତିବଦ୍ଧତାକୁ ଦୋହରାଇଥିଲେ ।

## ମୁଖ୍ୟ ଶାସନ ସଚିବ-ଦାୟିତ୍ୱ ଗ୍ରହଣ

ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ମନୋଜ ଆହୁଜା  ଆଜି ରାଜ୍ୟର ମୁଖ୍ୟ ଶାସନ ସଚିବ ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି । ସେ ଲୋକସେବା ଭବନରେ ବିଦାୟୀ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କଠାରୁ ଏହି ଦାୟିତ୍ୱ ଗ୍ରହଣ କରିଛନ୍ତି । ଦାୟିତ୍ୱ ଗ୍ରହଣ ପରେ ଶ୍ରୀ ଆହୁଜା ପୁରୀ ଶ୍ରୀମନ୍ଦିର ଯାଇ ପତିତପାବନଙ୍କ ଦର୍ଶନ କରିଛନ୍ତି ।

୧୯୯୦ ବ୍ୟାଚ୍‌ର ଆଇଏଏସ୍ ଅଫିସର ଶ୍ରୀ ଆହୁଜା  ଖୋର୍ଦ୍ଧା ଜିଲ୍ଲାପାଳ ଭାବରେ କାର୍ଯ୍ୟ ଆରମ୍ଭ କରିଥିଲେ । ଶ୍ରୀ ଆହୁଜା ଏହାପୂର୍ବରୁ କେନ୍ଦ୍ର କୃଷି ମନ୍ତ୍ରଣାଳୟର ସଚିବ ଦାୟିତ୍ୱ ତୁଲାଇଥିଲେ ।  ଶ୍ରୀ ଆହୁଜାଙ୍କର କାର୍ଯ୍ୟକାଳ ଆସନ୍ତା ଡିସେମ୍ବର ମାସରେ ଶେଷ ହେବ ।

## ତରୁଣକାନ୍ତି ରାଉତ-ଅବସର

ଆକାଶବାଣୀ କଟକ, ଯୋରନ୍ଦା ଓ ବିବିଧ ଭାରତୀର ଉପନିର୍ଦ୍ଦେଶକ ତଥା କାର୍ଯ୍ୟକ୍ରମ ପ୍ରମୁଖ ତରୁଣକାନ୍ତି ରାଉତ ଆଜି ଅବସର ଗ୍ରହଣ କରିଛନ୍ତି ।

ଦୀର୍ଘ ୩୩ ବର୍ଷର ସୃଜନଶୀଳ କର୍ମମୟ ଜୀବନ ମଧ୍ୟରେ ଶ୍ରୀ ରାଉତ ଦୁଇଥର ୧୯୯୬ ଓ ୧୯୯୭ରେ ସମ୍ମାନଜନକ PRIX ITALIA ପାଇଁ ଭାରତରୁ ମନୋନୀତ ହୋଇଥିଲେ । ସେହିପରି ୨୦୧୯ରେ ଇରାନ୍‌ର ତେହେରାନ୍‌ଠାରେ ଶ୍ରୀ ରାଉତଙ୍କୁ ସାଙ୍ଗୀତିକ ଉଦ୍‌ଘୋଷଣା ପାଇଁ ଚତୁର୍ଦ୍ଦଶ ବେତାର ମହୋତ୍ସବରେ ସମ୍ମାନିତ କରାଯାଇଥିଲା। ଜାତୀୟ ସ୍ତରରେ ସେ ଆଠ ଥର ପ୍ରଥମ ପୁରସ୍କାର ପାଇଛନ୍ତି । ୨୦୧୯ରେ ଶ୍ରୀ ରାଉତଙ୍କ ନାଟକ 'ତଥାପି ନିକାଞ୍ଚନ' ଏସୀୟ ପାସିଫିକ୍ ବ୍ରଡକାଷ୍ଟିଙ୍ଗ୍ ୟୁନିୟନ ପୁରସ୍କାର ଚୟନ ମଣ୍ଡଳୀଙ୍କ ଦ୍ୱାରା ଶ୍ରେଷ୍ଠ ୪ଟି ନାଟକ ମଧ୍ୟରେ ସ୍ଥାନିତ ହୋଇଥିଲା। ସୂଚନାଯୋଗ୍ୟ ଯେ ୨୦୦୦ ମସିହାରେ ଶ୍ରୀ ରାଉତ ଭାରତ ସରକାରଙ୍କ କଲୋମ୍ବୋ ଯୋଜନାରେ ବୃତ୍ତି ପାଇ ନେଦରଲାଣ୍ଡ୍ସରେ ଉଚ୍ଚତର ଶିକ୍ଷା ଗ୍ରହଣ କରିଛନ୍ତି ।

ସେହିପରି ଆକାଶବାଣୀ ରାଉରକେଲାର ବରିଷ୍ଠ ଉଦ୍‌ଘୋଷକ ରଘୁନନ୍ଦନ ଲାକ୍ରା ଆଜି ଅବସର ଗ୍ରହଣ କରିଛନ୍ତି। ୧୯୯୭ ମସିହାରେ ସେ ଆକାଶବାଣୀରେ ତାଙ୍କର କର୍ମମୟ ଜୀବନ ଆରମ୍ଭ କରିଥିଲେ।

ଭାରତ ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରଣାଳୟ ଦ୍ୱାରା ଆକାଶବାଶରୀ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ପ୍ରସ୍ତୁତ କରି ପୁରସ୍କୃତ ହୋଇଥିଲେ।

## ସ୍ୱତନ୍ତ୍ର ଟ୍ରେନ୍

ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଇଁ ବିଭିନ୍ନ ସ୍ଥାନରୁ ପୁରୀକୁ ଆସନ୍ତା ମଙ୍ଗଳବାରରୁ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ ବୋଲି ରେଳବାଇ ପକ୍ଷରୁ

ସୂଚନା ମିଳିଛି।  ଚକ୍ରଧରପୁର ଡିଭିଜନ୍‌ରେ ୩ଟି ସ୍ୱତନ୍ତ୍ର ଟ୍ରେନ୍ ଚାଲିବ। ଏଥିରୁ ଗୋଟିଏ ଟ୍ରେନ୍ ବାଦାମପାହାଡରୁ ପୁରୀ ଚାଲିବାକୁ ଥିବାବେଳେ ଏହା ରାଇରଙ୍ଗପୁର, ଟାଟାନଗର, ଘାଘଶୀଳା ଓ ଭଦ୍ରକରେ ରହଣି କରିବ। ଏହି ଟ୍ରେନ୍‌ଟି ଜୁଲାଇ ୧୯ ତାରିଖ ପର୍ଯ୍ୟନ୍ତ ଦିନେ ଛଡା ଦିନେ ଚଳାଚଳ କରିବ ବୋଲି ରେଳବାଇ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ସେହିପରି ଅନ୍ୟ ଦୁଇଟି ଟ୍ରେନ୍ ରାଉରକେଲା ଓ ପୁରୀ ମଧ୍ୟରେ ଚଳାଚଳ କରିବ।   ସେଥିମଧ୍ୟରୁ ଗୋଟିଏ ଟ୍ରେନ୍ ଚକ୍ରଧରପୁର ଦେଇ ଯିବାକୁ ଥିବାବେଳେ ଅନ୍ୟ ଟ୍ରେନ୍‌ଟି ଝାରସୁଗୁଡ଼ା, ସମ୍ବଲପୁର ଦେଇ ପୁରୀକୁ ଯିବ।

## ୩ ନୂଆ ଆଇନ୍ ବ୍ୟବସ୍ଥା

ସମଗ୍ର ଦେଶରେ ଆସନ୍ତାକାଲିଠାରୁ ୩ଟି ନୂତନ ଅପରାଧିକ ଆଇନ୍ ସମଗ୍ର ଦେଶରେ କାର୍ଯ୍ୟକାରୀ ହେବାକୁ ଯାଉଛି। ସେଗୁଡ଼ିକ ହେଉଛି, ଭାରତୀୟ ନ୍ୟାୟ ସଂହିତା-୨୦୨୩, ଭାରତୀୟ ନାଗରିକ ସୁରକ୍ଷା ସଂହିତା-୨୦୨୩ ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ-୨୦୨୩। ଏହି ଆଇନ୍‌ଗୁଡ଼ିକ ୧୮୬୦ ମସିହାର ବ୍ରିଟିଶ୍ ଆଇନ୍ ଭାରତୀୟ ପିଙ୍ଗଳକୋର୍ଡ-ଆଇପିସି, ଭାରତୀୟ ଫୌଜଦାରୀ ଆଇନ୍-୧୯୭୩ ଏବଂ ୧୮୭୨ ମସିହାର ଇଣ୍ଡିଆନ୍ ଏଭିଡେନ୍ସ ଆକ୍ଟ ସ୍ଥାନରେ କାର୍ଯ୍ୟକାରୀ ହେବ। ଏହି ଆଇନ୍ ସମ୍ପର୍କରେ ସଚେତନତା ବୃଦ୍ଧି ଲକ୍ଷ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ଆଲୋଚନାଚକ୍ର, ସଭାସମିତିମାନ ଅନୁଷ୍ଠିତ ହୋଇଛି। ଏହି ଆଇନ୍‌ରେ ସାମ୍ପ୍ରତିକ ସାମାଜିକ ପରିସ୍ଥିତି ଏବଂ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ଆବଶ୍ୟକ ନିୟମ ରଖାଯାଇଛି।

ତଦନ୍ତକୁ ଅଧିକ ସହଜ ଏବଂ ନ୍ୟାୟ ପ୍ରଦାନକୁ ତ୍ୱରିତ କରିବା ଲକ୍ଷ୍ୟରେ ଏହି ଆଇନ୍‌ରେ ବ୍ୟବସ୍ଥା ରହିଛି। ନୂଆ ଆଇନ୍‌ର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ଭାରତୀୟ ନାଗରିକଙ୍କୁ ସମ୍ବିଧାନ ଅନୁସାରେ ଅଧିକାର, ନ୍ୟାୟ ଏବଂ ସୁରକ୍ଷା ଦେବା।

ଏହି ଉପଲକ୍ଷେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ସଚେତନତା କର୍ମଶାଳାମାନ ଆୟୋଜିତ ହେବାର ଖବର ଆମର ହସ୍ତଗତ ହୋଇଛି।

**ବୌଦ୍ଧ** ଜିଲ୍ଲା ନ୍ୟାୟାଳୟ ପରିସରରେ ଆଇନ୍‌ଜୀବୀ ସଂଘ ପକ୍ଷରୁ ଆୟୋଜିତ କର୍ମଶାଳାରେ ଏହି ନୂତନ ଆଇନ୍‌ଗୁଡ଼ିକର ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଛି।

ବ୍ରହ୍ମପୁରର **ଗଞ୍ଜାମ** ଓକିଲ ସଂଘ କାର୍ଯ୍ୟାଳୟଠାରେ ଆୟୋଜିତ କର୍ମଶାଳାରେ ଅତିରିକ୍ତ ଜିଲ୍ଲା ଜଜ୍ ଡକ୍ଟର ଇନ୍ଦୁ ଶର୍ମା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଡକ୍ଟର ଅରୁଣ କୁମାର ସାହୁ ପ୍ରମୁଖ ଯୋଗଦେଇ ଏହି ଆଇନ୍ ସମ୍ପର୍କରେ ଆଲୋଚନା କରିଥିଲେ।

ଗତବର୍ଷ ସଂସଦର ଶୀତକାଳୀନ ଅଧିବେଶନରେ ଏହି ଆଇନ୍ ସମ୍ବନ୍ଧୀୟ ୩ଟି ବିଲ୍ ଗୃହୀତ ହୋଇଥିଲା।

## ପାଣିପାଗ

ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ଆଜି ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି। ଲଘୁଚାପ ପ୍ରଭାବରେ ଉପକୂଳ ଓଡ଼ିଶା ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଆସନ୍ତାକାଲି ପର୍ଯ୍ୟନ୍ତ ପ୍ରବଳ ବର୍ଷା

ସମ୍ଭାବନା ରହିଥିବା ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି ।

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବର୍ଷା ହେବା ନେଇ ୧୩ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

*********************************